ODM EDUCATIONAL GROUP
Changing your Tomorrow

# MORNING PRAYER





CHANGING YOUR TOMORROW

Website: www.odmegroup.org
Email: info@odmps.org

Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

# ODM PUBLIC SCHOOL

ODM EDUCATIONAL GROUP

SESSION :16

CLASS :3

SUBJECT : ODIA

CHAPTER NUMBER: 13

CHAPTER NAME : ବେଙ୍ଗୁଲୀ କରୁଛି କେଁ କଟର

SUBTOPIC : ଅଭ୍ୟାସ-୩ ,୪ ଓ ୭

CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

# ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ,ପଠନ,ଲିଖନ ଓ ଯୁକ୍ତାକ୍ଷର ଶବ୍ଦ ଉଚ୍ଚାରଣ  ଶୈଳୀ ର ଅଭିବୃଦ୍ଧି କରାଇବା  |



# ବେଙ୍ଗୁଲୀ କରୁଛି କେଁ କଟର








ପାଠ - ୧୩

# ବେଙ୍ଗୁଲି କରୁଛି କେଁ କଟର

ଏକ ଶୀତୁଆସକାଳ । ଚତୁର୍ଦ୍ଦିଗ କୁହୁଡ଼ି ଭର୍ତ୍ତି । ବେଙ୍ଗସର୍ଦ୍ଦାରର ସଙ୍ଗୀତ ଦଳ ଏକାଠି ହୋଇଛନ୍ତି । ସର୍ଦ୍ଦାର ଉଭାବନ କରିଥିବା ନୂଆସୁର ଅଭ୍ୟାସ ହେବ । ନିର୍ଦ୍ଦେଶ ପାଇବାମାତ୍ରେ କଇଁଛର ମର୍ଦ୍ଦଳ, ପାଣିଧଣ୍ଡର ବଂଶୀ, କଙ୍କଡ଼ାର





ହାରମୋନିୟମ୍, ମାଙ୍କଡ଼ର ଢୋଲକି, ଠେକୁଆର ଡୁବିତବଲା ଶବ୍ଦରେ ଆଖଡ଼ାଘର କମ୍ପିଉଠିବ ।

ଶୀତଯୋଗୁଁ ବେଙ୍ଗମାନଙ୍କ କଣ୍ଠରୁଦ୍ଧ ହୋଇଯାଉଥାଏ । ଗୀତ ଅଭ୍ୟାସ ହୋଇପାରିଲା ନାହିଁ । ଥଣ୍ଡାପାଗ ଯୋଗୁଁ ଏ ଦୁର୍ଦ୍ଦଶା ବୋଲି ସର୍ଦ୍ଦାର ଜାଣି ପାରିଲା । ସେ କହିଲା, "ଦେଖ ଭାଇମାନେ, ଶୀତଦିନ ପରେ ଖରାଦିନ ଆସିବ । ପାଗ ଗରମ ରହିବ । ଗୁଳୁଗୁଳି ହେବ । ଝାଳ ବୋହିବ । ସେତେବେଳେ ମଧ୍ୟ ଆମେ ଏକାଠି ହୋଇପାରିବା ନାହିଁ । ତା'ପରେ ବର୍ଷାଦିନରେ କୋହଲାପାଗ ହେବ । ଚାଲ, ଏବେ ଆମେ ନିଶ୍ଚଳ ହୋଇ ମାଟିତଳେ ଶୋଇବା । ମୁଁ ଦକ୍ଷିଣଦିଗକୁ ଯାଉଛି ଶୋଇବି ।" ଏହାପରେ



ସେ ଯାହାର ଜାଗା ବାଛି ନିଃଶବ୍ଦରେ ଶୋଇଗଲେ । ଖରାଦିନ ଯାଇ ବର୍ଷାଦିନ ଆସିଲା । ଆକାଶରେ କଳାହାଣ୍ଡିଆ ମେଘ ଘୋଟିଥାଏ । ବିଜୁଳି ଚମକୁଥାଏ । ଏହି ସମୟରେ ଘଡ଼ଘଡ଼ି ଶବ୍ଦରେ ପୃଥିବୀ ଥରିଉଠିଲା । ବେଙ୍ଗମାନଙ୍କ ନିଦ ଭାଙ୍ଗିଲା । ସେମାନେ ସର୍ଦ୍ଦାର ପାଖକୁ ଯିବାକୁ ବାହାରିଲେ । କିନ୍ତୁ ନିର୍ଦ୍ଦିଷ୍ଟ ଦିଗ ଜାଣିପାରିଲେ ନାହିଁ । କ'ଣ କରିବେ ଭାବି ବସିଲେ । ସେମାନଙ୍କ ମଧ୍ୟରେ ଥିଲା ବୃଦ୍ଧବେଙ୍ଗଟିଏ । ସେ କହିଲା, "ମୁଁ ବହୁତ ବୁଦ୍ଧିମାନ ।" ସେ ଚାରି ଆଡ଼କୁ ଚାହିଁଲା । ଦେଖିଲା, ଗୋଟିଏ ପଟରୁ ଆକାଶ ଧୀରେଧୀରେ ଫରଚା ହେଉଛି । "ଦେଖ ଏ ପଟେ ସୂର୍ଯ୍ୟ ଉଦୟ ହେଉଛି । ଏହା ନିଶ୍ଚୟ ପୂର୍ବଦିଗ । ଏପଟକୁ ମୁହଁ କରି ଛିଡ଼ା ହେଲେ ତୁମ ପଛପଟ ହେବ ପଶ୍ଚିମଦିଗ । ତୁମର ଡାହାଣହାତ ଦକ୍ଷିଣଦିଗ ହେବ ଓ ବାମହାତ ଉତ୍ତରଦିଗ ହେବ ।" ତା'ପରେ ସେମାନେ ଡାହାଣପଟ ଦିଗକୁ ଗଲେ । ଗୀତ ଅଭ୍ୟାସ କଲେ । ଅଭ୍ୟାସ କରୁକରୁ ଆଷାଢ଼ମାସର ଚତୁର୍ଦ୍ଦଶୀ ତିଥି ପହଞ୍ଚିଗଲା । ସେଦିନ ବାଘମାମୁର ବାହାଘର ।

ସଙ୍ଗୀତଦଳ ସେଠାରେ ପହଞ୍ଚିଲେ । ଗୀତ ଗାଇଲେ । ଖାଣ୍ଟି ଗୁଆଘିଅରେ ମିଠା ଓ କ୍ଷୀରୀ ହୋଇଥିଲା । ମନଭରି ଭୋଜି ଖାଇଲେ ।

ବେଙ୍ଗମାନଙ୍କ ପେଟରେ ଘିଅ କି ହଜମ ହୁଏ ? ପେଟ ଗୋଳମାଳ ହେଲା । ଝାଡ଼ା ହେଲା । ହନୁବଇଦ କେତେ ପ୍ରକାର ଉଦ୍ଭିଦର ଚେର ଆଣି ଔଷଧ ତିଆରି କଲା । ସେମାନେ ଔଷଧ ଖାଇ ଝାଡ଼ାରୁ ଉଦ୍ଧାର ପାଇଲେ ସିନା ସେମାନଙ୍କ ସ୍ୱରଯନ୍ତ୍ରଗୁଡ଼ିକ ଖରାପ ହୋଇଗଲା । ସେମାନେ ଆଉ ପୂର୍ବଭଳି ଗୀତ ଗାଇ ପାରିଲେ ନାହିଁ । ସେହିଦିନଠୁ ସେମାନେ କେଁ କଟର ଶବ୍ଦ କରିଆସୁଛନ୍ତି ।

ODM EDUCATIONAL GROUP

## ୩। ଅସଜଡ଼ା ଶବ୍ଦକୁ ସଜାଡ଼ି ଲେଖ ।

| | | | | | |
|---|---|---|---|---|---|
| ସରର୍ଦା | ସର୍ଦ୍ଦାର | ମାର୍ଦନ | ନର୍ଦ୍ଦମା | ଉରଦ୍ଧା | ଉଦ୍ଧାର |
| ବିଦ୍ଧରୁ | ବିରୁଦ୍ଧ | ଉଦଭି | ଉଦ୍ଭିଦ | ସ୍ୱବଭା | ସ୍ୱଭାବ |
| ଶବ୍ଦୀତା | ଶତାବ୍ଦୀ | ଦ୍ଭୁତଅ | ଅଦ୍ଭୁତ | ମଶ୍ଚିପ | ପଶ୍ଚିମ |
| ଶନିଃବ୍ଦ | ନିଃଶବ୍ଦ | | | | |

ODM EDUCATIONAL GROUP

# ଅଭ୍ୟାସ-୫ବନ୍ଧନୀ ମଧ୍ୟରୁ ଶବ୍ଦ ନେଇ ଖାଲି ଜାଗାରେ ଲେଖ ।

(ନିଶ୍ଚୟ ,ବୁଦ୍ଧିଆ ,ସର୍ଦ୍ଦି ,ନିଃଶବ୍ଦ ,ଅଦ୍ଭୁତ )

କ –କାଲି ରାତିରେ ମୁଁ ଗୋଟିଏ ଅଦ୍ଭୁତ ସ୍ୱପ୍ନ ଦେଖିଲି ।

ଖ –ପିଲାଟି ସର୍ଦ୍ଦି ଯୋଗୁଁ ନାକ ସୁଁ ସୁଁ କରୁଛି ।

ଗ –ମୋ ମାମୁଁ କାଲି ନିଶ୍ଚୟ ଆସିବେ ।

ଘ –ବିଲୁଆ ଏକ ବୁଦ୍ଧିଆ ପ୍ରାଣୀ ।

# ଅଭ୍ୟାସ-୭ ଅଧା ଲେଖା ଯାଇଥିବା ବାକ୍ୟଗୁଡିକୁ ଦିଆଯାଇଥିବା ଶବ୍ଦ ଲଗାଇ ପୂରା  କର  ।

ODM EDUCATIONAL GROUP

କ –ନର୍ଦ୍ଦମା :- ଆମ ଘର  ପାଖରେ ________________ ।

ଖ –ବୁଦ୍ଧିମତୀ :- ନୀନା ସିନା ସାନ କିନ୍ତୁ _______________ ।

ଗ –ଶବ୍ଦ :-  ବର୍ଷାଦିନେ  ଘଡଘଡି _____________________ ।

ଘ – ପଶ୍ଚାତାପ :- ଜ୍ୟୋତି ନିଜ ଦୋଷ ଜାଣିବା ପରେ ___________ ।

ଙ-ଉଦ୍ଭିଦ :- ଜଙ୍ଗଲରେ ଅନେକ ପ୍ରକାର _______________

# ଅଭ୍ୟାସ-୭ ଅଧା ଲେଖା ଯାଇଥିବା ବାକ୍ୟଗୁଡିକୁ ଦିଆଯାଇଥିବା ଶବ୍ଦ ଲଗାଇ ପୂରା କର ।

ODM EDUCATIONAL GROUP

କ –ନର୍ଦ୍ଦମା :- ଆମ ଘର ପାଖରେ ଥିବା ନର୍ଦ୍ଦମା ଗୁଡିକ ଅପରିଷ୍କାର ହୋଇ ରହିଛି ।

ଖ –ବୁଦ୍ଧିମତୀ :- ନୀନା ସିନା ସାନ କିନ୍ତୁ ଭାରି ବୁଦ୍ଧିମତୀ ଅଟେ ।

ଗ –ଶବ୍ଦ :-ବର୍ଷାଦିନେ ଘଡଘଡି ର ଶବ୍ଦ ଆମମାନଙ୍କୁ ଭୟଭୀତ କରିଥାଏ

ଘ – ପଶ୍ଚାତାପ :- ଜ୍ୟୋତି ନିଜ ଦୋଷ ଜାଣିବା ପରେ ପଶ୍ଚାତାପ କଲା ।

ଙ-ଉଦ୍ଭିଦ :- ଜଙ୍ଗଲରେ ଅନେକ ପ୍ରକାର ଉଦ୍ଭିଦ ଦେଖିବାକୁ ମିଳେ ।

# ଗୃହକର୍ମ

ଅଭ୍ୟାସ-୪ କୁ ଖାତାରେ କର ।



# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ,ପଠନ ଲିଖନ ଶୈଳୀର ଅଭିବୃଦ୍ଧି ଘଟିବ |



# THANKING YOU

# ODM EDUCATIONAL GROUP